# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24 June – 2025**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ପାଳନ କରାଯିବ ସମ୍ବିଧାନ ହତ୍ୟା ଦିବସ

- ଓଡ଼ିଶା ଏକ ଶକ୍ତି ପର୍ଯ୍ୟାପ୍ତ ରାଜ୍ୟରୁ ଶକ୍ତି ସଶକ୍ତ ରାଜ୍ୟରେ ପରିଣତ ହୋଇଛି

— ପୂର୍ବାଞ୍ଚଳ ରାଜ୍ୟ ଶକ୍ତି ସମ୍ମିଳନୀରେ ଯୋଗଦେଇ କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

- ଶୃଙ୍ଖଳିତ ସୁରକ୍ଷିତ ରଥଯାତ୍ରାର ଆୟୋଜନ ନେଇ ପୁଲିସ ମହାନିର୍ଦ୍ଦେଶକଙ୍କ ସମୀକ୍ଷା

— ପୂର୍ବତଟ ରେଳପଥ ପକ୍ଷରୁ ଇକୋର ଯାତ୍ରା ଆପ୍‌ର ଶୁଭାରମ୍ଭ

ଏବଂ

- ମୌସୁମୀବାୟୁର ପ୍ରଭାବରେ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବର୍ଷା

# ସମ୍ବିଧାନ ହତ୍ୟା ଦିବସ

ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୫୦ ବର୍ଷ ପୂର୍ତ୍ତିକୁ ଆସନ୍ତାକାଲି ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଭାରତୀୟ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନପୂର୍ବକ ତତ୍କାଳୀନ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଏଥିଯୋଗୁଁ ସେତେବେଳେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭାରତର ଗଣତାନ୍ତ୍ରିକ ଇତିହାସର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ସେହି ଦିନକୁ ମନେ ପକାଇ ଆସନ୍ତାକାଲି ଦେଶର କୋଣ-ଅନୁକୋଣରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯିବ।

ରାଜ୍ୟରେ ସମ୍ବିଧାନ ହତ୍ୟା ଦିବସ ପାଳନ ନେଇ ଉଚ୍ଚଶିକ୍ଷାମନ୍ତ୍ରୀ **ସୂର୍ଯ୍ୟବଂଶୀ ସୂରଜ** କହିଛନ୍ତି....

**- V/O -**

ଜରୁରିକାଳୀନ ପରିସ୍ଥିତି ସମୟରେ ତତ୍କାଳୀନ ସରକାରଙ୍କର କାର୍ଯ୍ୟକାରିତାକୁ ନେଇ **ବିଶ୍ୱନାଥ ପଣ୍ଡା** ଆକାଶବାଣୀକୁ କହିଛନ୍ତି....

**- V/O -**

ସୂଚନା ଅନୁସାରେ, ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରୁ ୧୯୭୭ ମସିହା ମାର୍ଚ୍ଚ ମାସ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୮ ମାସ ଧରି ଦେଶରେ ଜରୁରିକାଳୀନ ପରିସ୍ଥିତିଲାଗୁ ହୋଇଥିଲା। ତତ୍କାଳୀନ ସରକାର କ୍ଷମତାର ଅପବ୍ୟବହାର କରି ଗଣତନ୍ତ୍ରର କଣ୍ଠରୋଧ କରିବାରୁ ଦେଶବ୍ୟାପୀ

ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକଛତ୍ରବାଦ ପ୍ରଦର୍ଶନ କରି ସମ୍ବିଧାନର ନାଗରିକଙ୍କ ମୌଳିକ ଅଧିକାରକୁ ସଂକୁଚିତ କରିଦେଇଥିଲେ। ନିର୍ଦ୍ଦୋଷରେ ଲକ୍ଷ ଲକ୍ଷ ଲୋକଙ୍କୁ ଜେଲ୍‌ଦଣ୍ଡ ଭୋଗିବାକୁ ପଡିଥିଲା। ପରବର୍ତ୍ତୀ ସମୟରେ କୋଟି କୋଟି ଲୋକଙ୍କର ସଂଗ୍ରାମ ଦ୍ୱାରା ଆଜି ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରାଯାଇ ପାରିଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ସମ୍ବିଧାନ ହତ୍ୟା ଦିବସ

ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୫୦ ବର୍ଷ ପୂର୍ତ୍ତିକୁ ଆସନ୍ତାକାଲି ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଭାରତୀୟ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନପୂର୍ବକ ତତ୍କାଳୀନ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଏଥିଯୋଗୁଁ ସେତେବେଳେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭାରତର ଗଣତାନ୍ତ୍ରିକ ଇତିହାସର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ସେହି ଦିନକୁ ମନେ ପକାଇ ଆସନ୍ତାକାଲି ଦେଶର କୋଣ-ଅନୁକୋଣରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯିବ।

ଜରୁରିକାଳୀନ ପରିସ୍ଥିତି ସମୟରେ ତତ୍କାଳୀନ ସରକାରଙ୍କର କାର୍ଯ୍ୟକାରିତାକୁ ନେଇ **ବିଶ୍ୱନାଥ ପଣ୍ଡା** ଆକାଶବାଣୀକୁ କହିଛନ୍ତି....

**- V/O -**

ସୂଚନା ଅନୁସାରେ, ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରୁ ୧୯୭୭ ମସିହା ମାର୍ଚ୍ଚ ମାସ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୮ ମାସ ଧରି ଦେଶରେ ଜରୁରିକାଳୀନ ପରିସ୍ଥିତିଲାଗୁ ହୋଇଥିଲା । ତତ୍କାଳୀନ ସରକାର କ୍ଷମତାର ଅପବ୍ୟବହାର କରି ଗଣତନ୍ତ୍ରର କଣ୍ଠରୋଧ କରିବାରୁ ଦେଶବ୍ୟାପୀ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିଲା । ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକଛତ୍ରବାଦ ପ୍ରଦର୍ଶନ କରି ସମ୍ବିଧାନର ନାଗରିକଙ୍କ ମୌଳିକ ଅଧିକାରକୁ ସଂକୁଚିତ କରିଦେଇଥିଲେ । ନିର୍ଦ୍ଦୋଷରେ ଲକ୍ଷ ଲକ୍ଷ ଲୋକଙ୍କୁ ଜେଲ୍‌ଦଣ୍ଡ ଭୋଗିବାକୁ ପଡିଥିଲା । ପରବର୍ତ୍ତୀ ସମୟରେ କୋଟି କୋଟି ଲୋକଙ୍କର ସଂଗ୍ରାମ ଦ୍ୱାରା ଆଜି ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରାଯାଇ ପାରିଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

## ଶକ୍ତି କ୍ଷେତ୍ରରେ ମଡେଲ

ନବୀକରଣ ଶକ୍ତି, ସୁଦୃଢ଼ ପରିବହନ ଯୋଜନା, ସାଇବର ସୁରକ୍ଷା ଏବଂ ଆର୍ଥିକ ସଂସ୍କାରରେ ରଣନୈତିକ ନୀତି ମାଧ୍ୟମରେ ଓଡ଼ିଶାକୁ ଶକ୍ତି କ୍ଷେତ୍ରରେ ଏକ ମଡେଲ ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶକ୍ତି ମନ୍ତ୍ରୀ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ବିହାରର ପାଟଣାଠାରେ ପୂର୍ବାଞ୍ଚଳ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ରାଜ୍ୟ ଶକ୍ତିମନ୍ତ୍ରୀ ଓ ସଚିବମାନଙ୍କ ସମ୍ମିଳନୀରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ଏକ ସ୍ଥିର, ସବୁଜ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରତିବଦ୍ଧ । ଓଡ଼ିଶା ଏକ ଶକ୍ତି ପର୍ଯ୍ୟାପ୍ତ ରାଜ୍ୟରୁ ଶକ୍ତି ସଶକ୍ତ ରାଜ୍ୟରେ ପରିଣତ ହୋଇଛି । ରାଜ୍ୟରେ ସର୍ବାଧିକ ୬ ହଜାର ୨୪୨ ମେଗାୱାଟ୍ ବିଦ୍ୟୁତ ଚାହିଦା ପୂରଣ କରାଯାଇଛି । ୨୦୩୬ ମସିହା ସୁଦ୍ଧା

ମୋଟ୍ ୧୧ ହଜାର ୨୯୪ ମେଗାୱାଟ୍ ଅଧିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲଦେବ ମଧ୍ୟ ଯୋଗ ଦେଇଥିଲେ।

## ମେଡିକାଲ କଲେଜ୍

ରାଜ୍ୟରେ ୯ଟି ନୂଆ ମେଡିକାଲ କଲେଜ୍ ପ୍ରତିଷ୍ଠା ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଜଗତ୍‌ସିଂହପୁର, ଭଦ୍ରକ, ଢେଙ୍କାନାଳ ଓ ନବରଙ୍ଗପୁରରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଏହାସହ ବୁର୍ଲା, ବ୍ରହ୍ମପୁର, କେନ୍ଦୁଝର ଓ ବଲାଙ୍ଗିରରେ ୪ଟି ଡେଣ୍ଟାଲ କଲେଜ୍ ଏବଂ ମୟୂରଭଞ୍ଜରେ ଆୟୁର୍ବେଦ କଲେଜ ପ୍ରତିଷ୍ଠା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

## ଡାଇରିଆ ସ୍ଥିତି

ରାଜ୍ୟରେ ଡାଇରିଆ ସ୍ଥିତି ନେଇ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ପରିସ୍ଥିତିର ମୁକାବିଲା ପାଇଁ ତତ୍ପରତାର ସହ ଜଳ ବିଶୋଧନ କାର୍ଯ୍ୟ କରାଯାଉଛି। ଆସନ୍ତା ୨ ଦିନ ମଧ୍ୟରେ ସମସ୍ତ ପାନୀୟ ଜଳ ଉତ୍ସଗୁଡ଼ିକ ବିଶୋଧନ କାର୍ଯ୍ୟ ଶେଷ ହେବ। ଏପର୍ଯ୍ୟନ୍ତ ୫ ଲକ୍ଷ ୪୦ ହଜାର ନଳକୂପ ବିଶୋଧନ ହୋଇଛି। ସେହିଭଳି ୨୧ ହଜାର ବୋରୱେଲ୍ ସହ ଘରୋଇ ଓପେନ ୱେଲ୍ ମଧ୍ୟ ବିଶୋଧନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଅପରପକ୍ଷରେ, ଯାଜପୁର ଜିଲ୍ଲାରେ ଆଜି ଆଉ ୧୧୩ ଜଣ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ସେମାନଙ୍କର ଚିକିତ୍ସା କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଂଚଳରେ ସଚେତନତା ସୃଷ୍ଟି କରାଯାଉଛି। ଡାଇରିଆ ସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାରେ ସମସ୍ତ ସ୍କୁଲକୁ ବନ୍ଦ ରଖାଯାଇଥିଲା। ତେବେ ଆସନ୍ତାକାଲିଠାରୁ ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ସ୍କୁଲମାନଙ୍କରେ ପରିମଳ ବ୍ୟବସ୍ଥାର ତଦାରଖ ପାଇଁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ବନକଲାଗି

ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମାପନ କରିବା ନେଇ ପୁଲିସ୍ ଡିଜିଙ୍କ ଅଧ୍ୟକ୍ଷତାରେ ପୁରୀ ଟାଉନ୍‌ହଲ୍‌ରେ  ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସେହିଭଳି ରଥଯାତ୍ରା ସମୟରେ ତୀର୍ଥଯାତ୍ରୀଙ୍କୁ ସୁଲଭ ରେଳସେବା ପ୍ରଦାନ ଲକ୍ଷ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ଇକୋ-ଯାତ୍ରା ନାମକ ଏକ ଆପ୍‌ର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

*ରଥଯାତ୍ରା ସମୟରେ ଭିଡ ନିୟନ୍ତ୍ରଣ ଓ ଟ୍ରାଫିକ୍ ସୁପରିଚାଳନା ସହ ସୁରକ୍ଷା ନେଇ ପୁଲିସ ମହାନିର୍ଦ୍ଦେଶକ ସମୀକ୍ଷା କରିଛନ୍ତି। ରଥଯାତ୍ରା ପାଇଁ ୧୦ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷାକର୍ମୀ ନିୟୋଜିତ ହେବେ ବୋଲି ବୈଠକରେ ଆଲୋଚନା ହୋଇଛି। ଜଳ, ସ୍ଥଳ ଏବଂ ଆକାଶପଥରୁ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଅନ୍ୟପକ୍ଷରେ, **ପୁରୀ** ଶ୍ରୀମନ୍ଦିରରେ ଆଜି ଦ୍ୱିତୀୟ*

*ଭୋଗ ମଣ୍ଡପ ନୀତି  ଶେଷ ହେବା ପରେ ଶ୍ରୀଜୀଉମାନଙ୍କର ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ନୀତି ଅନୁଷ୍ଠିତ ହେଉଛି।*

*ସେହିଭଳି ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଇକୋର-ଯାତ୍ରା ନାମକ ଏକ ଆପ୍‌ର ଶୁଭାରମ୍ଭ ହୋଇଛି।  ଏହି ମୋବାଇଲ୍ ଆପ୍ ମାଧ୍ୟମରେ ରଥଯାତ୍ରା ସମୟରେ ରେଳ ସମ୍ବନ୍ଧୀୟ ସେବା ଏବଂ ଯାତ୍ରୀଙ୍କ ସୁବିଧା ପାଇଁ ଏକ ବ୍ୟାପକ ଡିଜିଟାଲ ମାର୍ଗଦର୍ଶିକା ଉପଲବ୍ଧ ହେବ। ଯାତ୍ରୀ ବିଶେଷ ଭାବରେ ରଥଯାତ୍ରା ପାଇଁ ଚାଲିଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଏକ ସମ୍ପୂର୍ଣ୍ଣ ତାଲିକା ପାଇପାରିବେ। ଏହାସହ ପାନୀୟଜଳ, ଇକ୍ୟାଟରିଂ, ଚିକିତ୍ସା ସହାୟତା ବୁଥ୍, ସାର୍ବଜନୀନ ଶୌଚାଳୟ ଆଦି ବିଷୟରେ ମଧ୍ୟ ଯାତ୍ରୀମାନେ ଅବଗତ ହୋଇପାରିବେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।*

ଆକାଶବାଣୀ, କଟକ ସମ୍ବାଦ ବିଭାଗ ପାଇଁ ମୁଁ **ମଳୟ ରଞ୍ଜନ ମିଶ୍ର**

## ରଥଯାତ୍ରା-ଧର୍ମେନ୍ଦ୍ର ପ୍ରଧାନ

ରଥଯାତ୍ରା ସମୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସଚେତନତା ବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଯାତ୍ରାକୁ ଭବ୍ୟ ଭାବରେ ପାଳନ କରିବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ରଥଯାତ୍ରା ସମୟରେ ବଡ଼ ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜନସାଧାରଣ ଏବଂ ପର୍ଯ୍ୟଟକମାନେ

ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ କରିବାକୁ ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଭକ୍ତମାନେ ଭୋଗ ଓ ଫୁଲ ପାଇଁ ପଲିଥିନ୍, ପାଣି ବୋତଲ, ପାଣି ଗ୍ଲାସ୍ ଏବଂ ଖାଦ୍ୟ ସାମଗ୍ରୀ ଆଦି ନେବା ପାଇଁ ଏହାର ବ୍ୟବହାର କରିଥାନ୍ତି। ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ବୋଲି କେନ୍ଦ୍ରମନ୍ତ୍ରୀ ଏହି ଭିଡିଓ ବାର୍ତ୍ତାରେ କହିଛନ୍ତି।  କେନ୍ଦ୍ର ସରକାର ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀକୁ ବନ୍ଦ କରିବା ପାଇଁ ବିହିତ ପଦକ୍ଷେପ ନେଉଥିବା କଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

## ଆଇନ୍‌ସେବା ପ୍ରାଧିକରଣ

**ରାୟଗଡ଼ା** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପକ୍‌ସୋ ଆକ୍ଟ ଏବଂ ଜେଜେ ସିପିସି ଆକ୍ଟ ସମ୍ପର୍କରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।

## ସମୀକ୍ଷା ବୈଠକ

**ବୌଦ୍ଧ** ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହଠାରେ ବିଧାନସଭା ଗୃହ କମିଟିର ସଦସ୍ୟମାନେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଛନ୍ତି। ବୈଠକରେ ବିଧାୟକ ଲକ୍ଷଣ ବାଗ୍, ଅରବିନ୍ଦ ମହାପାତ୍ର, ଦୁର୍ଗାଚରଣ ତନ୍ତୀ ଏବଂ ନରସିଂହ ମାଡକାମୀ ଯୋଗଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ପ୍ରକଳ୍ପ ସମୀକ୍ଷା

ଓଡ଼ିଶା ବିଧାନସଭା ଗୃହ କମିଟି ସୁବର୍ଣ୍ଣପୁର ଜିଲ୍ଲାଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବିଧାୟକ ଲକ୍ଷ୍ମଣ ବାଗ୍ଙ୍କ ନେତୃତ୍ୱରେ ୯ ଜଣିଆ କମିଟି ଜିଲ୍ଲାର ଜାତୀୟ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଧାନମଣ୍ଡି କ୍ରୟ କେନ୍ଦ୍ର ସମେତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିଛନ୍ତି।

## ଅଭିଯୋଗ ଶୁଣାଣି

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ୧୧୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୧୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲାପାଳ ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରି ଏବଂ ଧାମନଗର ବ୍ଲକ୍ ପଂଚାୟତ ସମିତି ମିଶନଶକ୍ତି ଗୃହରେ ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବକାରୀ ବିଭାଗ ଅଧିକାରୀ ଓ ତହସିଲଦାର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତ୍ୟେକ ଗ୍ରାମରେ ନିଶାମୁକ୍ତ ଅଭିଯାନ ଏବଂ ସ୍କୁଲ କଲେଜ ନିକଟରେ ବେଆଇନ୍  ନିଶା କାରବାରକୁ ବନ୍ଦ କରିବା ନେଇ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆସନ୍ତାକାଲି ସୁଦ୍ଧା ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ  ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

*******************************